ଭୁବନେଶ୍ୱର, ଶନିବାର, ୯ ନଭେମ୍ବର, ୧୯୮୫

# ରକ୍ତର ଦାମ୍ ହଜାରେକୋଟି !

ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ବାଲିଆପାଳଠାରେ ରକେଟ ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା ନେଇ ଏକ ସମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଡକ୍ଟର ମହତାବଙ୍କର ହସ୍ତକ୍ଷେପ ଏବଂ ଚେତାବନୀ ବାସ୍ତବିକ ସମୟୋପଯୋଗୀ । ଡକ୍ଟର ମହତାବ ଏହି ପରିପ୍ରେକ୍ଷୀରେ ଯେଉଁ ପ୍ରଶ୍ନମାନ ଉଠାଇଛନ୍ତି ତାହା କେବଳ ଭୋଗରାଇ ବା ବାଲିଆପାଳ କାହିଁକି ସାରା ଭାରତର ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ପ୍ରାୟ ୧୨ ହଜାର ପରିବାର ନିଜ ଭିଟାମାଟିରୁ ବିତାଡ଼ିତ ହେବେ । ଯୁଦ୍ଧକାଳୀନ ଜରୁରୀ ପରିସ୍ଥିତି କିମ୍ବା ପ୍ରାକୃତିକ ବିପର୍ଯ୍ୟୟକୁ ଛାଡ଼ିଦେଲେ ଏତେ ସଂଖ୍ୟକ ଲୋକଙ୍କୁ ବାସଚ୍ୟୁତ କରିବାର ନଜିର ଇତିହାସରେ ବିରଳ । ଏହାଦ୍ୱାରା ପ୍ରାୟ ୩୦ ହଜାର ଏକର ଜମିକୁ ସରକାରଙ୍କୁ ହାତକୁ ନେବାକୁ ପଡ଼ିବ । ଏହା ଅନାବାଦି ଜମି ନୁହେଁ, ବରଂ ବାଲେଶ୍ୱର ଜିଲ୍ଲାର ସବୁଠାରୁ ଉର୍ବର ଦୁଇଫସଲୀ ଚାଷଜମି । ବାରହଜାର ପରିବାରଙ୍କୁ ବାସଚ୍ୟୁତ କରିବା ଦ୍ୱାରା ସେ ଅଞ୍ଚଳରେ ଗଢ଼ି ଉଠିଥିବା ଶିକ୍ଷାନୁଷ୍ଠାନ ଏବଂ ସେମାନଙ୍କୁ କେନ୍ଦ୍ରକରି ବଢ଼ିଉଠିଥିବା ସାଂସ୍କୃତିକ ଜୀବନ ଅକାରଣରେ ବିପର୍ଯ୍ୟସ୍ତ ହେବ । ସବୁଠାରୁ ଦୁଃଖର ବିଷୟ ଏହି ଯେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ବାରହଜାର ପରିବାରଙ୍କ ଜୀବନସହ ଖେଳିବା ପୂର୍ବରୁ ସରକାର କିମ୍ବା ସେ ଅଞ୍ଚଳର ଲୋକପ୍ରତିନିଧି ଜନମତ ସଂଗ୍ରହ କରିବାର ସାମାନ୍ୟତମ ସୌଜନ୍ୟ ପ୍ରଦର୍ଶନ କରିନାହାନ୍ତି ।

ଡକ୍ଟର ମହତାବ ଅନ୍ୟ ଏକ ରାଜନୈତିକ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି । ଏ ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠାର ନିଷ୍ପତ୍ତି ୧୯୭୯ ମସିହାରେ ଯେତେବେଳେ ଶାସନକ୍ଷମତାରେ ଥିବା ଜନତା ସରକାରଙ୍କ ଦ୍ୱାରା ନିଆଯାଇଥିଲା । ସେତେବେଳେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ୩ ଜଣ ନେତା ସ୍ଥାନ ପାଇବାର ଗୌରବଲାଭ କରିଥିଲେ । ସବୁଠାରୁ ଉଲ୍ଲେଖନୀୟ ବିଷୟ ଏହି ଯେ ଶ୍ରୀଯୁକ୍ତ ସମରେନ୍ଦ୍ର କୁଣ୍ଡୁ ଏହି ଅଞ୍ଚଳର ପ୍ରତିନିଧି ଥାଇ ମଧ୍ୟ ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲେ । ଆଜି ରାଜ୍ୟମନ୍ତ୍ରିମଣ୍ଡଳରେ ବାଲେଶ୍ୱରରୁ ୩ ଜଣ ମନ୍ତ୍ରୀ ଥାଇ ଏ ବିଷୟରେ ନୀରବ ରହିବା ଆଦୌ ବାଞ୍ଛନୀୟ ନୁହେଁ ବୋଲି ଡଃ ମହତାବ ମତ ପ୍ରକାଶ କରିଛନ୍ତି । ସେ ଦୃଷ୍ଟିରୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଦୋମୁହାଁ ନୀତି ଅବଲମ୍ବନ ନକରି ଖୋଲାଖୋଲି ଭାବେ ଆଲୋଚନା କରିବାକୁ ଆଗେଇ ଆସିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି । ତା' ନହେଲେ ସେ ମନ୍ତ୍ରୀ ହୁଅନ୍ତୁ ବା ଲୋକପ୍ରତିନିଧି ହୁଅନ୍ତୁ ନିଶ୍ଚିତ ଭାବେ ଭୀରୁ ବୋଲି ପ୍ରତିପାଦିତ ହେବେ । ଏସବୁ ସତ୍ତ୍ୱେ ଯଦି ସରକାର ରକେଟ ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା ନିଷ୍ପତ୍ତିରେ ଅଟଳ ରହନ୍ତି ତା'ହେଲେ ସେଠାକାର ଶିକ୍ଷିତ ଏବଂ ସଚେତନ ଜନସାଧାରଣ ଆନ୍ଦୋଳନ ମାଧ୍ୟମରେ ଏହାର ଜବାବ ଦେବେ । ସରକାର ତାଙ୍କ ବନ୍ଧୁକର ଉଚିତ ଜବାବ ପାଇବେ ଏବଂ ସେଠାରେ ରକ୍ତର ନଦୀ ବୋହିବ ବୋଲି ସେ ସତର୍କ କରାଇ ଦେଇଛନ୍ତି ।

ଏ ବିଷୟରେ ଆମର ବକ୍ତବ୍ୟ ଏହି ଯେ ରକେଟ ପରୀକ୍ଷାକେନ୍ଦ୍ର ସ୍ଥାପନର ନିଷ୍ପତ୍ତି ଏକ ସାମାନ୍ୟ ନିଷ୍ପତ୍ତି ନୁହେଁ । ଏହା ଏକ ଜାତୀୟପ୍ରଶ୍ନ । ଏ ବିଷୟରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଗଣତାନ୍ତ୍ରିକ ମୂଲ୍ୟବୋଧ ଦୃଷ୍ଟିରୁ ଏହାଦ୍ୱାରା ଯେଉଁମାନେ ପ୍ରଭାବିତ ଏବଂ କ୍ଷତିଗ୍ରସ୍ତ ହେବେ ସେମାନଙ୍କର ମତ ନେବାର ଆବଶ୍ୟକତା ରହିଛି ଏବଂ ଏ କ୍ଷେତ୍ରରେ ଦୋମୁହାଁ ନୀତି ଅବଲମ୍ବନର କୌଣସି ଅବକାଶ ରହିବା ଉଚିତ ନୁହେଁ । ଏପ୍ରଶ୍ନ ଦଳୀୟ ରାଜନୀତି, ବ୍ୟକ୍ତିଗତ ପ୍ରତିଷ୍ଠା କିମ୍ବା ମନ୍ତ୍ରିତ୍ୱର ମୋହଠାରୁ ବହୁ ଊର୍ଦ୍ଧ୍ୱରେ ।

ଶ୍ରୀଯୁକ୍ତ ମହତାବ ନିଜେ ଏହି ଅଞ୍ଚଳର ପାଣିପବନରେ ପୁଷ୍ଟ ହୋଇଥିବାରୁ ଏଭଳି ପରିସ୍ଥିତିରେ ଭାବପ୍ରବଣ ହୋଇଯିବା ସ୍ୱାଭାବିକ । କିନ୍ତୁ ଗୋଟିଏ ଜାତୀୟ ପ୍ରଶ୍ନର ତାତ୍ତ୍ୱିକ ଆଲୋଚନା ସମୟରେ ଯେତେ ଗମ୍ଭୀର ହେଲେ ମଧ୍ୟ ଭାବପ୍ରବଣତାର ଅବକାଶ ରହିବା ଉଚିତ ନୁହେଁ । ତାହା ନହିଲେ, ତାତ୍ତ୍ୱିକ ଯୁକ୍ତି ତା'ର ମୂଲ୍ୟ ହରାଇ ବସେ । ଡକ୍ଟର ମହତାବ ଏକ ପକ୍ଷରେ ବହୁବିଧ ଯୁକ୍ତିଯୁକ୍ତ କାରଣରୁ ରକେଟ ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠାର ବିରୋଧ କରି ଦୋମୁହାଁ ନୀତିର ସମାଲୋଚନା କରୁଥିବାବେଳେ ବାସଚ୍ୟୁତ ଲୋକମାନଙ୍କର ପୁନର୍ବସତି ଏବଂ ଥଇଥାନ ପାଇଁ ସତର କୋଟିଟଙ୍କା ଯଥେଷ୍ଟ ନୁହେଁ ବୋଲି କହି ଏଥିନିମନ୍ତେ ୧ ହଜାର କୋଟି ଟଙ୍କା ବ୍ୟୟ ବରାଦ ହେଉ ବୋଲି ଦାବୀ କରିବା ଆଦୌ ଯୁକ୍ତିସଙ୍ଗତ ହେଉନାହିଁ । ତା'ହେଲେ କ'ଣ ଆମ ଭିଟାମାଟିର ମୋହ, ଆମର ଶିକ୍ଷା, ସଂସ୍କୃତି ଏବଂ ଆମର ରକ୍ତ-ଏସବୁର ଦାମ୍ କେବଳ ହଜାରେ କୋଟି ଟଙ୍କା ?

ସୌମ୍ୟରଞ୍ଜନ ପଟ୍ଟନାୟକ